Official News Letter of Cloud Nine Ministries

# For That Crown

Vol. 16 - Issue 1 DEC-JAN

Recorded Live from the dias of Sunday Service at the Assembly of the Bride of Christ, the Church wing of CNM
ଏବିସି ଚର୍ଚ୍ଚର ପୁଲପିଟ୍‌ରୁ ରବିବାର ଉପାସନାରେ ପରିବେଷିତ ଈଶ୍ୱରଙ୍କର ବାକ୍ୟ



FTC Editorial

## Theme ସମର୍ପଣର ନୂତନ ବର୍ଷ

ପ୍ରଭୁଙ୍କ ନାମର ଧନ୍ୟବାଦ ହେଉ, ବିଗତ ବର୍ଷର ସକଳ ଅବିଶ୍ୱସ୍ତତା ସତ୍ତ୍ୱେ ପ୍ରଭୁଙ୍କର ଅପାର କରୁଣାରୁ ଆମ୍ଭେମାନେ ଆଉ ଏକ ନୂତନ ବର୍ଷରେ ପଦାର୍ପଣ କରିଅଛୁ । ଏହା ଏକ ସାଧାରଣ ନୂତନ ବର୍ଷ ନୁହେଁ । ଏକ ନୂତନ ଦଶନ୍ଧିର ଅୟମାରମ୍ଭ । ଦୁଇହଜାର ବର୍ଷ ଦେଖିବାର ଭାଗ୍ୟ ଅନେକଙ୍କର ନଥିଲା ମାତ୍ର ତତ୍‌ପରେ ଦୁଇଟି ଦଶନ୍ଧି ପରମେଶ୍ୱର ଦେଖିବାକୁ ଦେଲେ । ଆଜି ଦୁଇହଜାର କୋଡ଼ିଏ ମସିହାରେ ଆମେ ପଞ୍ଚିଛୁ । ଏହି ନୂତନ ଦଶନ୍ଧିରେ ନିଶ୍ଚିତ ଭାବରେ ଆମ ଜୀବନରେ କିଛି ନୂତନ ବିଷୟ ଘଟିବ । ଯେଉଁମାନେ ପ୍ରଭୁ ଯୀଶୁଙ୍କ ସହିତ ଅଛନ୍ତି ସେମାନଙ୍କ ପାଇଁ ଏହା ପ୍ରଚୁର ଆଶୀର୍ବାଦର ବର୍ଷ ପୁଣି ଏକ ପ୍ରଚୁର ଅନୁଗ୍ରହର ଯୁଗ ।

ବାସ୍ତବିକ୍, ପ୍ରଭୁ ଆମ୍ଭମାନଙ୍କ ପାଇଁ ଏକ ଅତ୍ୟାଶ୍ଚର୍ଯ୍ୟ କାର୍ଯ୍ୟ କରିଛନ୍ତି - ତାହା ହେଉଛି ଏକ ନୂତନ ବର୍ଷରେ ଆମକୁ ଆଣି ପହଞ୍ଚାଇଛନ୍ତି । ପୁରୁଣା ବର୍ଷ ସାରା ପ୍ରଭୁ ଅପେକ୍ଷା କରିଥିଲେ, ଆମେ ଫଳ ଫଳିବୁ ବୋଲି । ଆମର ବୃକ୍ଷର ମୂଳରେ କୁହ୍ରାଡି ଲଗା ହୋଇଥିଲା ହଣାଯିବା ନିମନ୍ତେ । କିନ୍ତୁ ଦୟାରେ ବିଗଳିତ ହୋଇ ଯୀଶୁ କହିଥିଲେ - ଏହି ବର୍ଷ ଏହାକୁ ଛାଡିଦିଅ, ମୁଁ ଏ ଗଛର ମୂଳରେ ଖତ ଦେବି, ସାର ଦେବି ହୁଏତ ଆରବର୍ଷ ଏ ଗଛ ଫଳ ଫଳିବ । ନଚେତ୍ ତାହା ହଣା ଯିବ ।

ଆଜି ବର୍ଷ ପରେ ବର୍ଷ ବିତି ଯାଉଛି, କିନ୍ତୁ ଆମେ ଅଦ୍ୟାପି ଫଳହୀନ ବୃକ୍ଷ ତୁଲ୍ୟ । ଆମ ହସ୍ତରେ ଦତ୍ତ ପୁରାତନ ବିଷୟ ସବୁ ଜୀର୍ଣ୍ଣ ହେଲା, ଆମ୍ଭମାନଙ୍କ ହସ୍ତରେ ନୂତନ ନିୟମ ପ୍ରଦତ୍ତ ହେଲା । ନୂତନ ବ୍ୟବସ୍ଥା ଦିଆଗଲା । ନୂତନ ରୂପେ ଉଦ୍ଧାର କାର୍ଯ୍ୟ କରାଗଲା । ନୂତନ ଜୀବନ ପ୍ରଦାନ କରାଗଲା । ନୂତନ ଆଶୀର୍ବାଦ, ନୂତନ ଶକ୍ତି ପ୍ରଦାନ କରାଗଲା । ପୁରାତନ ନିୟମର ଲୋକମାନେ ଈଶ୍ୱରଙ୍କ ଉପସ୍ଥିତିରେ ବାସ କରି ପାରୁନଥିଲେ । ପବିତ୍ର ଈଶ୍ୱରଙ୍କ ଉପସ୍ଥିତି କିଛି ସମୟ ପାଇଁ ସେମାନଙ୍କ ମଧ୍ୟବର୍ତ୍ତୀ ହେଉଥିଲେ ପୁଣି କାର୍ଯ୍ୟ ସମାପ୍ତ ହେବା ପରେ ସେମାନଙ୍କ ଠାରୁ ଉର୍ଦ୍ଧ୍ୱ ଗମନ କରୁଥିଲେ । କାରଣ ଏ ପୃଥିବୀ ପୃଷ୍ଠ ସେ ପର୍ଯ୍ୟନ୍ତ ଅଶୁଚି ଓ ଅଭିଶପ୍ତ ଥିଲା । ଈଶ୍ୱରଙ୍କର ଉଦ୍ଧାର କର୍ଯ୍ୟ ଆରମ୍ଭ ହୋଇ ନଥିଲା । କାରଣ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ରକ୍ତ ଏ ପୃଥିବୀ ପୃଷ୍ଠରେ ପଡି ନଥିଲା । ପ୍ରଭୁଯୀଶୁଙ୍କର ଆଗମନରେ ପୃଥିବୀରେ ଏକ ନୂତନ କାର୍ଯ୍ୟ ଘଟିଲା । ଈଶ୍ୱରଙ୍କ ବାସସ୍ଥାନ ବଦଳି ଗଲା । ତାହାଙ୍କର ନାମ ଇମ୍ମାନୁଏଲ୍ ଦିଆଗଲା । ମନୁଷ୍ୟମାନଙ୍କ ମଧ୍ୟରେ ଈଶ୍ୱର ବାସକଲେ ।

ତେବେ ଆମ ଜୀବନରେ ଈଶ୍ୱର କେଉଁ ନୂଆ ବିଷୟ କଲେ ? ପ୍ରଥମେ ଆମ ପାଇଁ ଈଶ୍ୱରଙ୍କ ବାସସ୍ଥାନ ବଦଳିଗଲା । ଲେଖାଅଛି "ତହୁଁ ଦିନାବସାନ ସମୟରେ ଉଦ୍ୟାନ ମଧ୍ୟରେ ଗମନାଗମନକାରୀ ସଦାପ୍ରଭୁ ପରମେଶ୍ୱରଙ୍କ ରବ ଶୁଣି ଆଦମ ଓ ତାହାଙ୍କ ଭାର୍ଯ୍ୟା ସଦାପ୍ରଭୁ ପରମେଶ୍ୱରଙ୍କ ଛାମୁରୁ ଉଦ୍ୟାନସ୍ଥ ବୃକ୍ଷଗଣ ମଧ୍ୟରେ ଲୁଚିଲେ" (ଆଦି ୩:୮) । ଶୁଚି ଓ ପବିତ୍ରତାର ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ପରମେଶ୍ୱର ଉଦ୍ୟାନରେ ଗମନାଗମନ କରୁଥିଲେ । ମାତ୍ର ଆଦମ ହବାଙ୍କର ପତନ ପଶ୍ଚାତ୍ ପରମେଶ୍ୱର ଆଉ ଏଦନରେ ଗମନାଗମନ କରି ନାହାଁନ୍ତି । ଅଧିକନ୍ତୁ ଗମନାଗମନକାରୀ ସଦାପ୍ରଭୁଙ୍କର ଇଚ୍ଛା ଥିଲା ମନୁଷ୍ୟ ସହିତ ସିଧାସଳଖ କଥାବାର୍ତ୍ତା କରିବା । ଅପରନ୍ତୁ ପରବର୍ତ୍ତୀ ସମୟରେ ପରମେଶ୍ୱର ଆଉ ସିଧାସଳଖ ଭାବରେ କଥାବାର୍ତ୍ତା ନ କରି ନୈବେଦ୍ୟ ଓ ବଳି ଦ୍ୱାରା ମନୁଷ୍ୟ ସହିତ ସମ୍ପର୍କ ସ୍ଥାପନ କଲେ ।

>>>CONTD. Last Page

ସେହି ମୁକୁଟ ପାଇଁ

NOW ON YOUTUBE
# TheCNMIndia

Baat Koi Jo
Hindi Devotional Video Song

ତୃଷିତ ମୁଁ
Odia Devotional
JUKE BOX

ଏବେ ଆପଣଙ୍କର ମନପସନ୍ଦ ଖ୍ରୀଷ୍ଟିୟ ଆଲବମଗୁଡ଼ିକୁ ବଜାନ୍ତୁ ଆମର ୟୁଟ୍ୟୁବ୍ ଚାନେଲ୍‌ରେ

CNM MEDIACRAFT ଦ୍ୱାରା ପ୍ରସ୍ତୁତ ହୃଦୟସ୍ପର୍ଶୀ ସଂଗୀତ, ବାକ୍ୟ ଓ ସାକ୍ଷ୍ୟର ଭିଡିଓ ଗୁଡ଼ିକୁ ତୁରନ୍ତ ଦେଖିବା ପାଇଁ ଆମର ୟୁଟ୍ୟୁବ୍ ଚ୍ୟାନେଲ୍ 'TheCNMIndia' କୁ SUBSCRIBE କରନ୍ତୁ ଓ 🔔 ଚିହ୍ନ ON କରିବାକୁ ଭୁଲନ୍ତୁ ନାହିଁ




AUDIO CDS

Hindi Devotionals
Kashish - Khudawand Combo
Bada Pyara Lage Hein

Odia Devotionals
ଭାରି ଭଲଲାଗେ (CNM MP3 Hits)
କାଲଭରୀ - ପ୍ରତିଧ୍ୱନୀ Combo
ମୋ ପାପ ପାଇଁ # ଆରାଧନା # ତୃଷିତ ମୁଁ
ରଖିଥା ଭରସା ମନରେ ତୋର

BOOKS

- Rev. Prachiranjan Das
  କଣ୍ଟକର ପୃଥିବୀ
  ମୁକ୍ତାଠାରୁ ମୂଲ୍ୟବାନ୍
- Rev. Dr. Nohosan Anand
  ନିଗୁଢ଼ କଥା
  ବାଇବଲରେ ହିନ୍ଦୁସ୍ଥାନ୍
- Dr. Subhankar Ghosh
  Flames of Fire (English)

ଜୟଜୟକାର ଗୀତବହି (ପରିବର୍ତ୍ତିତ ସଂସ୍କରଣ)

For More Photo Coverage
Follow us on
facebook
/Cloud Nine Ministries

# 15th CNM Miracle Crusade

## CNM Campus, Grace Land 6-8 December 2019

















### Tremendous Annointing I Mighty Movement of the Holy Ghost I Signs, Wonders and Miracles

*It was an awsome three days altogether, Pastor Prachi was on fire along with the worship leaders of Team BSR*
*Faith raised, Sick healed, Lives restored with the prophetic word of God.*
*Thank you dear friends and partners for your prayer and support.*

## 15 Clusters of ABC Churches with Pastor Prachiranjan Das

*All Messages & related videos Available on YouTube / thecnmindia*

For More Recorded Videos
Subscribe us on
YouTube
/thecnmindia




















# CNM Miracle Crusade 2019

Official News Letter of Cloud Nine Ministries
for private circulation only

# CHRISTMAS & NEW YEAR SERVICES AT ABC CHURCHES

etC





@ ABC Church, Joronda, Dhenkanal



@ ABC Church, Grace Land



## MERRY CHRISTMAS

25th December 2019




@ Malikapodi Baptist Church, Malikapodi, G Udayagiri

## NEW YEAR Church Service

@ Hamirpur Christian Church





Let this new year bestow upon us, God's everlasting love and kindness upon each one of us.

Wish all our friends, welwishers, donors & prayer partners

A VERY HAPPY & BLESSED NEW YEAR 2020

# - ଆମ୍ଭର ରବ ଶ୍ରବଣ କର

ଆମେରିକାର ପ୍ରଖ୍ୟାତ ଚିକାଗୋ ସହରରେ ରହୁଥିଲେ ଜଣେ ବିତ୍ତଶାଳୀ ଯିହୂଦୀ ବଣିକ । ଏକଦା ସେ ଆପଣାର ପୁତ୍ରକୁ କହିଲେ - ତୁମ୍ଭେ ଆମ୍ଭର ପୈତୃକ ନଗର, ଈଶ୍ୱରଙ୍କର ମନୋନିତ ସ୍ଥାନ ଇଶ୍ରାଏଲକୁ ଯାତ୍ରା କର । ସେଠାରେ କିଛିଦିନ ଅବସ୍ଥାନ କରି ଆମର ଯିହୂଦୀୟ ପରମ୍ପରା, ରୀତିନିତି ପୁଣି ସେଠାକାର ଇତିହାସକାର ଓ ଧର୍ମଗୁରୁ ମାନଙ୍କୁ ସାକ୍ଷାତ କରି ଆମର ମହାନ ଇଶ୍ୱରଙ୍କ ବିଷୟରେ କିଛି ଜ୍ଞାନ ପ୍ରାପ୍ତ ହୁଅ । ଏହା ତୁମର ଜୀବନକୁ ବଦଳାଇ ଦେବ ଓ ତୁମେ ଆଶିର୍ବାଦ ପ୍ରାପ୍ତ ହେବ ।

ପିତାଙ୍କର ଆଜ୍ଞା ଶିରୋଧାର୍ଯ୍ୟ କରି ପୁତ୍ର ବାହାରି ପଡ଼ିଲେ ଆପଣା ପୈତୃକ ନଗର ଇଶ୍ରାଏଲ୍‌କୁ । ମାସାଧିକ କାଳ କ୍ଷେପଣ କଲାପରେ ପିତାଙ୍କ ନିକଟକୁ ବାହୁଡ଼ି ଆସିଲେ ଏହି ଯିହୁଦୀୟ ଯୁବ୍‌ ଜଣକ । ଅତ୍ୟନ୍ତ ପ୍ରୀତ ହୋଇ ପିତା ପୁଚ୍ଛା କଲେ - ଆଉ, ସେଠାରେ କିପରି କଟିଲା ଦିନ ଗୁଡ଼ିକ ? ତୁମର ମୁଖର ଉଜ୍ଜ୍ୱଳତା ତ ପ୍ରକାଶ କରୁଅଛି ତୁମେ ବହୁବିଧ ଜ୍ଞାନ ଲାଭ କରି ଫେରି ଆସିଅଛ ।

ପୁତ୍ର ଉତ୍ତର ଦେଲେ - ହଁ ପିତା, ଏହା ସତ୍ୟ, ସେଠାକୁ ଗଲାପରେ ମୋର ଜୀବନ ବଦଳି ଯାଇଛି ଓ ମୋର ଚକ୍ଷୁ ଉନ୍ମୁକ୍ତ ହୋଇ ଯାଇଛି । ମୁଁ ଯୀଶୁଙ୍କୁ ବିଶ୍ୱାସ କରି ଏବେ ଖ୍ରୀଷ୍ଟ ଧର୍ମ ଗ୍ରହଣ କରି ନେଇଛି ।

- କ'ଣ ହେଲା ଖ୍ରୀଷ୍ଟଧର୍ମ ? ପିତା ଆଶ୍ଚର୍ଯ୍ୟାନିତ୍ୱ ହୋଇ ପଚାରିଲେ ।

ଅଗତ୍ୟା କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ଦୌଡ଼ିଲେ ଆପଣାର ବାଲ୍ୟ ବନ୍ଧୁ ନିକଟକୁ । ଧଇଁସଇଁ ହୋଇ ତାଙ୍କୁ ପଚାରିଲେ - କିରେ ତୁ ପରା ତୋର ପୁଅକୁ ବି ପଠାଇଥିଲୁ ଇଶ୍ରାଏଲ୍ ? ତା'ର କ'ଣ ହେଲା ?

ବନ୍ଧୁ କହିଲେ - ବଡ଼ ଆଶ୍ଚର୍ଯ୍ୟର କଥା, ସେଠାରୁ ଫେରି ସେ ଖ୍ରୀଷ୍ଟଧର୍ମ ଗ୍ରହଣ କରିନେଇଛି !

- ଆଶ୍ଚର୍ଯ୍ୟ ! ମୋ ପୁଅ ପ୍ରତି ମଧ୍ୟ ତାହା ହିଁ ଘଟିଛି । ଚାଲ ଆମେ ରାବ୍‌ବୀଙ୍କ ପାଖକୁ ଯିବା ।

ଦୁହେଁ ରାବ୍‌ବୀଙ୍କ ପାଖରେ ପହଞ୍ଚି ଘଟଣା ବର୍ଣ୍ଣନା କରନ୍ତେ, ରାବ୍‌ବୀ ଉତ୍ତର ଦେଲେ - କେଡ଼େ ଆଶ୍ଚର୍ଯ୍ୟର କଥା ! ମୋର ପୁଅ ପ୍ରତି ମଧ୍ୟ ତାହା ହିଁ ଘଟିଛି । ତେବେ ଚାଲ ଆମେ ଇଶ୍ୱରଙ୍କୁ ପଚାରିବା ।

ଘଟଣାବଳୀ ସମୂହକୁ ନେଇ ତିନି ବନ୍ଧୁ ପ୍ରାର୍ଥନାରେ ନିବିଷ୍ଟ ଥିବା ବେଳେ ହଠାତ୍ ସ୍ୱର୍ଗରୁ ଏହି ବାଣୀ ହେଲା -

ଆମ୍ଭେ ମଧ୍ୟ ଦିନେ ଆମ୍ଭର ଏକମାତ୍ର ପୁତ୍ରଙ୍କୁ ସେହି ଦେଶକୁ ପ୍ରେରଣ କରିଥିଲୁ ।

## ହସର ଖୋରାକ୍

ହସ ଭିତରେ ବି ଶିକ୍ଷା

YouTube

For New Releases SUBSCRIBE our official YouTube Channel

TheCNMIndia

For New Devotional Songs & Messages

CNM Media craft




Released Now
a slice of life story of a family
that connects to every common man

Story, Lyrics & Shayaries
By Pastor Prachi
DOP: Sis. Lipika Das
Voice: Gospel inger Nancy Brown
Music: Sunam Panigrahi
Shot in the beautiful land of Assam

"BAAT KOI JO"
Hindi Devotional
A Tale of the Tea Graden

WATCH TODAY

For More Photo Coverage
Follow us on
facebook
/Cloud Nine Ministries

# Festival of Joy, Assam

**Borhat, Assam 3-5 January 2020**



















## Tremendous Annointing | Mighty Movement of the Holy Ghost | Signs, Wonders and Miracles

*It was an awsome three days altogether, Pastor Prachi was on fire along with the worship leaders of Team BSR*
*Faith raised, Sick healed, Lives restored with the prophetic word of God.*
*Thank you dear friends and partners for your prayer and support.*

# Shantira Subhabarta ar Prarthana Samaroh

*All Messages & related videos Available on YouTube / thecnmindia*

*For More Recorded Videos Subscribe us on*

YouTube /thecnmindia

















## *Shantir Subho Barta Ar Prathona Samaroh*

ନାଗାହିଲୋନୀ ବାପ୍ଟିଷ୍ଟ ଚର୍ଛ, ବୋରହାଟ୍, ଆସାମ୍

Official News Letter of Cloud Nine Ministries
for private circulation only

>>>CONTD. from First Page

ଲେଖାଅଛି, "ସମୟାନୁକ୍ରମେ କୟିନ ସଦାପ୍ରଭୁଙ୍କ ଉଦ୍ଦେଶରେ ଭୂମ୍ୟୁତ୍ପନ୍ନ ଫଳ ଆଣି ଉତ୍ସର୍ଗ କଲେ । ଆଉ ହେବଲ ମଧ୍ୟ ନିଜ ପଲର ପ୍ରଥମଜାତ କେତେକ ପଶୁ ଓ ସେମାନଙ୍କ ମେଦ ଉତ୍ସର୍ଗ କଲେ । ସଦାପ୍ରଭୁ ହେବଲଙ୍କୁ ଓ ତାଙ୍କର ନୈବେଦ୍ୟକୁ ଗ୍ରାହ୍ୟ କଲେ" (ଆଦି ୪:୩-୪) । ଏଥିରୁ ସୁସ୍ପଷ୍ଟ, ପରମେଶ୍ୱର ଆଉ ସିଧାସଳଖ କଥାବାର୍ତ୍ତା କଲେ ନାହିଁ କାରଣ ମନୁଷ୍ୟ ପାପ ଓ ଅଶୁଚିତାରେ ପୂର୍ଣ୍ଣ ଥିଲା । ଏଥିପାଇଁ ମନୁଷ୍ୟଙ୍କୁ ବଳିଦାନ ଉତ୍ସର୍ଗ କରିବାକୁ ପଡ଼ିଲା ଓ ସେହି ଉତ୍ସର୍ଗୀକୃତ ନୈବେଦ୍ୟ ଦ୍ୱାରା ସେ ଆଶୀର୍ବାଦ ପ୍ରାପ୍ତ ହେଲା । କିନ୍ତୁ ପୂର୍ବରୁ ସେପରି ନଥିଲା । ପରମେଶ୍ୱର ମନୁଷ୍ୟଙ୍କୁ ନିର୍ମାଣ କରି ଆଶୀର୍ବାଦ କରିଥିଲେ, ଯେପରି ସେ ପ୍ରଜାବନ୍ତ ଓ ବହୁବଂଶ ହୋଇ ପୃଥିବୀକୁ ପରିପୂର୍ଣ୍ଣ କରି ବଶୀଭୂତ କରୁ ଓ ଜନ୍ତୁଗଣ ଉପରେ କର୍ତ୍ତୃତ୍ୱ କରୁ । ତେବେ ମନୁଷ୍ୟ ଏହି ଏକାଥରକେ ପ୍ରଦତ୍ତ ଆଶୀର୍ବାଦକୁ ଧରି ରଖି ପାରିଲା ନାହିଁ । ତେଣୁ ନୂତନ ବ୍ୟବସ୍ଥା କରାଗଲା । ଏଥର ଯେତେବେଳେ ମନୁଷ୍ୟଙ୍କୁ ଆଶୀର୍ବାଦ ଦରକାର ହେବ ସେ ନୈବେଦ୍ୟ ଉତ୍ସର୍ଗ କରିବ ଓ ପରମେଶ୍ୱରଙ୍କଠାରୁ ଆଶୀର୍ବାଦ ପ୍ରାପ୍ତ ହେବ । ଅତଏବ, ଉତ୍ସର୍ଗୀକୃତ ନୈବେଦ୍ୟ ମାଧ୍ୟମରେ ପରମେଶ୍ୱର କଥାବାର୍ତ୍ତା କରିବାକୁ ଆରମ୍ଭ କଲେ । ଆହୁରି ଲେଖାଅଛି, "ତହୁଁ ଶେଥର ମଧ୍ୟ ଏକ ପୁତ୍ର ଜନ୍ମିଲା; ଆଉ ସେ ତାହାର ନାମ ଇନୋଶ ଦେଲା । ଏହି ସମୟରେ ମନୁଷ୍ୟମାନେ ସଦାପ୍ରଭୁଙ୍କ ନାମରେ ପ୍ରାର୍ଥନା କରିବାକୁ ଲାଗିଲେ" (ଆଦି ୪:୨୬) । ଏବେ ପ୍ରାର୍ଥନାର ସମୟ ଆସିଗଲା ମାଗିବାର ଋତୁ ଆସିଗଲା । ଲୋକମାନେ ଜାନୁପାତି ମାଗିବାକୁ ଆରମ୍ଭ କଲେ । କାରଣ ପରମେଶ୍ୱର ଆଉ ମନୁଷ୍ୟ ଉପରେ ସନ୍ତୁଷ୍ଟ ନଥିଲେ । ମନୁଷ୍ୟ ସହିତ ପରମେଶ୍ୱରଙ୍କର ଏହି ଦୂରତ୍ୱ ଆହୁରି ବଢ଼ି ଚାଲିଲା । ପରମେଶ୍ୱର ଏଥର ମନୁଷ୍ୟ ଠାରୁ ବିଶେଷ ସ୍ଥାନରେ ଓ ବିଶେଷ ଭାବରେ ମାଗିବା ପାଇଁ, ପ୍ରାର୍ଥନା କରିବା ପାଇଁ ଓ ବଳିଦାନ ଉତ୍ସର୍ଗ କରିବା ପାଇଁ ନିୟମ ନିରୂପଣ କଲେ । ଯେ କୌଣସି ସ୍ଥାନରେ ନୁହେଁ ମାତ୍ର ଯଜ୍ଞବେଦୀ ଉପରେ ଉତ୍ସର୍ଗ ହେଲା ନୈବେଦ୍ୟ । "ଅନନ୍ତର ନୋହ ସଦାପ୍ରଭୁଙ୍କ ଉଦ୍ଦେଶରେ ଯଜ୍ଞବେଦି ନିର୍ମାଣ କଲେ, ପୁଣି ସର୍ବପ୍ରକାର ଶୁଚି ପଶୁ ଓ ଶୁଚି ପକ୍ଷୀଗଣ ମଧ୍ୟରୁ କେତେକ ନେଇ ବେଦି ଉପରେ ହୋମବଳି ଉତ୍ସର୍ଗ କଲେ" (ଆଦି ୮:୨୦) । ପରବର୍ତ୍ତୀ ସମୟରେ ସଦାପ୍ରଭୁଙ୍କ ଯଜ୍ଞବେଦୀ ସମାଗମ ତମ୍ବୁରେ, ଯିରୂଶାଲମ ମନ୍ଦିରରେ ସ୍ଥାପିତ ହେଲା । ତଥାପି ପରମେଶ୍ୱର ମନୁଷ୍ୟ ମଧ୍ୟରେ ଈଶ୍ୱର ଭୟ ଦେଖି ପାରିଲେ ନାହିଁ । ତେଣୁ ପରମେଶ୍ୱର ଶେଷ ପରିବର୍ତ୍ତନ ଆଣିଲେ । ଯୀଶୁଖ୍ରୀଷ୍ଟଙ୍କ ରକ୍ତରେ ଏକ ନୂତନ ନିୟମ ସ୍ଥାପିତ ହେଲା । ଏକ ନୂତନ ଓ ସର୍ବୋତ୍କୃଷ୍ଟ ସ୍ଥାନ ନିରୂପିତ ହେଲା । ଲେଖାଅଛି "ତୁମ୍ଭେମାନେ ଈଶ୍ୱରଙ୍କ ମନ୍ଦିର, ଆଉ ଈଶ୍ୱରଙ୍କ ଆତ୍ମା ତୁମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି; ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାହାକୁ ନଷ୍ଟ କରିବେ; କାରଣ ଈଶ୍ୱରଙ୍କ ମନ୍ଦିର ପବିତ୍ର, ସେହି ମନ୍ଦିର ତୁମ୍ଭେମାନେ" (୧କରନ୍ଥୀ ୩:୧୬-୧୭) । ପରମେଶ୍ୱର ଆଉ ମନ୍ଦିର ମଧ୍ୟରେ ନୁହେଁ ମନୁଷ୍ୟର ହୃଦୟରେ ବାସ କରିବାକୁ ଚାହାଁନ୍ତି । ଆଉ ପରମେଶ୍ୱରଙ୍କ ମନ୍ଦିର ଯିରୂଶାଲମରେ ବା କୋରାଜୀନ୍ ମାନଙ୍କ ପର୍ବତରେ ନୁହେଁ । ତାହା ଏଦନ ଉଦ୍ୟାନରେ, ସମାଗମତମ୍ବୁରେ, ଯଜ୍ଞବେଦିରେ ବା ଅନ୍ୟ କୌଣସି ସ୍ଥାନରେ ନୁହେଁ ମାତ୍ର ଆମ୍ଭମାନଙ୍କର ଅନ୍ତରରେ ସ୍ଥାପିତ । ଏଥିପାଇଁ ଲେଖାଅଛି, "କାରଣ ପ୍ରଭୁଙ୍କ କଥା ଏହି, ସେହି ସମୟ ଉତ୍ତାରେ ଆମ୍ଭେ ଇସ୍ରାୟେଲ ବଂଶ ସହିତ ଯେଉଁ ନିୟମ ସ୍ଥାପନ କରିବା, ତାହା ଏହି, ଆମ୍ଭେ ସେମାନଙ୍କ ମନରେ ଆପଣା ବ୍ୟବସ୍ଥା ଦେବା, ସେମାନଙ୍କ ହୃଦୟରେ ସେହିସବୁ ଲେଖିବା" (ଏବ୍ରୀ ୮:୧୦) ।

ଆଜି ଏହି ନୂତନ ବର୍ଷରେ ପରମେଶ୍ୱର ଆମ୍ଭମାନଙ୍କୁ ଆହ୍ୱାନ କରି କହନ୍ତି, "ହେ ଆମ୍ଭର ପୁତ୍ର, ତୁମ୍ଭର ହୃଦୟ ମୋତେ ଦିଅ" (ହିତ ୨୩:୨୬) । ଅଧିକନ୍ତୁ ସେ ଆମ୍ଭମାନଙ୍କର ହୃଦୟକୁ ଶୁଚି କରିବାକୁ ଚାହାଁନ୍ତି । ସେଥିରେ ବାସକରିବା ପାଇଁ ଇଚ୍ଛା କରନ୍ତି । ସେହି ଆଦ୍ୟ ପ୍ରେମର ସମ୍ପର୍କକୁ ସେ ପୁନଃସ୍ଥାପନ କରିବାକୁ ବାଞ୍ଛା କରନ୍ତି । ଅଧିକନ୍ତୁ ସେ କହନ୍ତି, "ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କୁ ଭୟ କରିବାର, ତାହାଙ୍କ ସକଳ ପଥରେ ଗମନ କରିବାର, ଓ ତାହାଙ୍କୁ ପ୍ରେମ କରିବାର, ପୁଣି ଆପଣାର ସମସ୍ତ ଅନ୍ତଃକରଣ ଓ ଆପଣାର ସମସ୍ତ ପ୍ରାଣ ସହିତ ସଦାପ୍ରଭୁ ତୁମ୍ଭ ପରମେଶ୍ୱରଙ୍କ ସେବା କରିବାର, ଆଉ ଆଜି ମୁଁ ତୁମ୍ଭ ହିତନିମନ୍ତେ ସଦାପ୍ରଭୁଙ୍କ ଯେ ଯେ ଆଜ୍ଞା ଓ ବିଧି ତୁମ୍ଭମାନଙ୍କୁ ଦେଉଅଛି, ସେସମସ୍ତ ପାଳନ କରିବାର, ଏସବୁ ଛଡା ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭଠାରୁ ଆଉ କଅଣ ଲୋଡ଼ନ୍ତି ? (୨ବିବ ୧୦:୧୨-୧୩) ।



କ୍ଲାଉଡ୍ ନାଇନ୍ ମିନିଷ୍ଟ୍ରିସ୍ ସହିତ ଜଡ଼ିତ ପ୍ରତ୍ୟେକ ପ୍ରାର୍ଥନା, ଦାନ ଓ ସାହାଯ୍ୟକାରୀ ଭାଇ ଭଉଣୀମାନଙ୍କର
ନିରବଚ୍ଛିନ୍ନ ପ୍ରୋତ୍ସାହନ ଓ ସହଯୋଗରୁ ପ୍ରସ୍ତୁତ ଏହି ସମ୍ବାଦପତ୍ର କେବଳ ଘରୋଇ ବିତରଣ ନିମନ୍ତେ ଉଦ୍ଦିଷ୍ଟ, ବିକ୍ରୟ ନିମନ୍ତେ ନୁହେଁ ।

ଏହି ପତ୍ରିକାଟି ସମ୍ପୂର୍ଣ୍ଣ ପଢ଼ିସାରିଛନ୍ତି କି ? ତେବେ ଫୋପାଡ଼ି ନ ଦେଇ... ଅନ୍ୟକୁ ଦିଅନ୍ତୁ ନା!

ଆମକୁ ପ୍ରଭୁଙ୍କ ସେବାରେ ଶକ୍ତିଯୁକ୍ତ ଓ ଉତ୍ସାହିତ କରିବା ପାଇଁ ନିରନ୍ତର ପ୍ରାର୍ଥନା, ସାହଯ୍ୟ ଓ ସହଯୋଗ କରନ୍ତୁ

ଯୋଗାଯୋଗ କରନ୍ତୁ: କ୍ଲାଉଡ୍ ନାଇନ୍ ମିନିଷ୍ଟ୍ରିସ୍, ସା: ମଣ୍ଡାପଢ଼ା, ପୋ: ଦୌଲତାବାଦ୍, କଟକ - ୭୫୪୦୨୬, ଓଡ଼ିଶା
ଫୋନ୍: 7008397362, ଇମେଲ୍: pastorprachi@gmail.com, ୱେବ୍‌ସାଇଟ୍: www.cnmindia.org